# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**23 April - 2026**

**************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ସନ୍ଧ୍ୟାରେ ୭ଟି ବିଭାଗର ୪ ହଜାର ୬୨୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ
- ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଚାଲିଛି ଭୋଟ୍‌ଗ୍ରହଣ
- ଆସନ୍ତା ୬ ମାସ ମଧ୍ୟରେ ଓଡ଼ିଶା ସିଟି ଗ୍ୟାସ ବିତରଣ ନୀତି କାର୍ଯ୍ୟକାରୀ କରିବେ ସରକାର
- ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ପୁସ୍ତକ ଓ ସତ୍ତ୍ୱାଧିକାର ଦିବସ

ଏବଂ

- ଗ୍ରୀଷ୍ମ ଲହରିକୁ ଦୃଷ୍ଟିରେ ରଖି ଆଜି ନିଆଯିବ ସ୍କୁଲ ଛୁଟି ନିଷ୍ପତ୍ତି; ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୧୭ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

# ନିଯୁକ୍ତି ପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୭ଟି ବିଭାଗର ୪ ହଜାର ୬୨୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ । ନିଯୁକ୍ତିପତ୍ର ବଣ୍ଟନ ପୂର୍ବରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକଶିତ ରାଷ୍ଟ୍ର ଗଠନ ସ୍ୱପ୍ନ ପୂରଣ କରିବା ପାଇଁ ଯୁବଶକ୍ତି ସଶକ୍ତ ହେବା ନିତ୍ୟାନ୍ତ ଆବଶ୍ୟକ। ସେମାନଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ନିଯୁକ୍ତିମେଳା ମାଧ୍ୟମରେ ସରକାର ଏକ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦକ୍ଷ ଯୁବସାରଥୀଙ୍କୁ ପ୍ରସ୍ତୁତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୪ ହଜାର ୧୧୩ ଜଣ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ୧୫୪, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ୧୪୩, ଖଣି ଓ ଶିଳ୍ପ ବିଭାଗର ୭୭, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ୭୦, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୫୨ ଏବଂ ଦକ୍ଷତା ବିକାଶ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ୧୪ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ।

Desk

# ଇଲେକ୍ସନ

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଜାରି ରହିଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ଅପରାହ୍ଣ ଗୋଟାଏ ସୁଦ୍ଧା ପଶ୍ଚିମବଙ୍ଗରେ ୬୨ ପ୍ରତିଶତରୁ ଅଧିକ ଏବଂ ତାମିଲନାଡୁରେ ୫୬ ପ୍ରତିଶତରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ପ୍ରାର୍ଥି ନିର୍ବାଚନ ଲଢୁଛନ୍ତି । ରାଜ୍ୟରେ ୭୫ ହଜାର ୬୪ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାନ ଚାଲିଛି ।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଲାଗି ଆଜି ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଗ୍ରହଣ କରାଯାଉଛି । ୧ ହଜାର ୪୭୮ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ଲଢୁଛନ୍ତି ।

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବ ।

Desk

## ରବିଧାନ କ୍ରୟ

ରାଜ୍ୟ ସରକାର ଆସନ୍ତା ମାସ ପହିଲାରୁ ଚାଷୀଙ୍କଠାରୁ ରବିଧାନ କ୍ରୟ କରିବେ। ଏହି ପ୍ରକ୍ରିୟା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ୨୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ରବିଧାନ ବିକ୍ରି ପାଇଁ ଚାଷୀମାନେ ଗତ ମାର୍ଚ୍ଚ ମାସ ୧୦ ତାରିଖରୁ ୨୫ ତାରିଖ ମଧ୍ୟରେ ପଞ୍ଜୀକରଣ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଧାନମଣ୍ଡିଗୁଡ଼ିକରେ ଚାଷୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ, ଗ୍ରୀଷ୍ମ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇଛି। ପଡ଼ୋଶୀ ରାଜ୍ୟରୁ  ରାଜ୍ୟରୁ ଧାନ ନ ଆସିବା ପାଇଁ ସୀମାସିଲ୍ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

Desk

## ସିବିଏସ୍ଇ ବୋର୍ଡ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ– ସିବିଏସ୍ଇ ଦଶମ ଶ୍ରେଣୀର ଦ୍ୱିତୀୟ ବୋର୍ଡ ପରୀକ୍ଷା ଆସନ୍ତା ମାସ ୧୫ ତାରିଖରୁ ଆରମ୍ଭ ହେବ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୧୦ଟା ୩୦ ମିନିଟ୍‌ରୁ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ଦ୍ୱିତୀୟ ବୋର୍ଡ ପରୀକ୍ଷା ସମ୍ପୂର୍ଣ୍ଣ ଭାବେ ଛାତ୍ରଛାତ୍ରୀଙ୍କ ଇଚ୍ଛାଧୀନ। ପରୀକ୍ଷା ଫଳରେ ପ୍ରତିଶତ ବୃଦ୍ଧି କରିବାକୁ ଚାହୁଁଥିଲେ ପରୀକ୍ଷାର୍ଥୀମାନେ  ବିଜ୍ଞାନ, ଗଣିତ, ସାମାଜିକବିଜ୍ଞାନ ଏବଂ ଭାଷା ମଧ୍ୟରୁ ୩ଟି ବିଷୟରେ ଏହି ପରୀକ୍ଷା ଦେଇପାରିବେ। ବୋର୍ଡ ପକ୍ଷରୁ ଦଶମ ଶ୍ରେଣୀର ପ୍ରଥମ ମୁଖ୍ୟ ପରୀକ୍ଷା ଫଳ ଚଳିତମାସ ୧୫ ତାରିଖରେ ଘୋଷଣା କରାଯାଇଥିଲା ।

HS

# ସିଟି ଗ୍ୟାସ ବିତରଣ

ରାଜ୍ୟରେ ଆସନ୍ତା ୬ ମାସ ମଧ୍ୟରେ ଓଡ଼ିଶା ସିଟି ଗ୍ୟାସ ବିତରଣ ନୀତି କାର୍ଯ୍ୟକାରୀ କରାଯିବ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସହରରେ ପିଏନ୍‌ଜି, ସିଏନ୍‌ଜି ବ୍ୟବସ୍ଥାରେ ଲାଗୁ କରାଯିବ। ସିଏନ୍‌ଜି ଗାଡ଼ିକୁ ଅଧିକ ପ୍ରୋତ୍ସାହନ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

**- V/O -**

ଗତକାଲି କ୍ୟାବିନେଟ୍‌ରେ ଗ୍ୟାସ ବିତରଣ ନୀତି ମଞ୍ଜୁରୀ ପାଇଛି। ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତିକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବା ପରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରି କହିଛନ୍ତି, ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ନୀତି ଦ୍ୱାରା ସମଗ୍ର ରାଜ୍ୟରେ ପିଏନ୍‌ଜି ଓ ସିଏନ୍‌ଜି ଭିତ୍ତିଭୂମିର ସମ୍ପ୍ରସାରଣ ତ୍ୱରାନ୍ୱିତ ହେବ।

Puri

# ସାମ୍ବାଦିକ ସମ୍ମିଳନୀ

ସଂସଦରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍, ସୀମା ନିର୍ଦ୍ଧାରଣ ବିଲ୍, ନାରୀ ଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପୁରୀଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ହେଉଛି। କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ସାଂସଦ ଡକ୍ଟର ସମ୍ବିତ ପାତ୍ର ଏହି ତିନୋଟି ବିଲ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

Desk

# ପୁସ୍ତକ ଓ ସତ୍ତ୍ୱାଧିକାର ଦିବସ

ପୁସ୍ତକର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପ୍ରତି ବର୍ଷ ଆଜିର ଦିନରେ 'ବିଶ୍ୱ ପୁସ୍ତକ ଏବଂ ସତ୍ତ୍ୱାଧିକାର ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବହୁ ଭାଷିକତା ଓ ପୁସ୍ତକର ସୁଗମତା ମାଧ୍ୟମରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା' ।

ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା

ପୁସ୍ତକ ପଠନର ଆନନ୍ଦ, ଶକ୍ତି ଏବଂ ଲେଖକ ଓ ସ୍ରଷ୍ଟାଙ୍କ ଅଧିକାର ସୁରକ୍ଷାକୁ ଆଜିର ଦିନ ସ୍ମରଣ କରାଇଥାଏ। ପୁସ୍ତକ ମାନବ ସମାଜର ଜୀବନ୍ତ ଦର୍ପଣ। ଏହା ଆମକୁ ଅତୀତ ସହିତ ଯୋଡ଼ି ରଖିବା, ବର୍ତ୍ତମାନକୁ ବୁଝିବା ଏବଂ ଭବିଷ୍ୟତ ପାଇଁ ପଥ ପ୍ରଦର୍ଶନ କରିଥାଏ। ପୁସ୍ତକ ମାଧ୍ୟମରେ ଭିନ୍ନ ଭିନ୍ନ ସଂସ୍କୃତି ଓ ଭାଷାର ଲୋକମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ। ଡିଜିଟାଲ ଯୁଗରେ ପୁସ୍ତକର ରୂପ ପରିବର୍ତ୍ତିତ ହେଲେ ମଧ୍ୟ ଏହାର ମୂଲ୍ୟ ଓ ପ୍ରାସଙ୍ଗିକତା ଆଜି ମଧ୍ୟ ବଜାୟ ରହିଛି। ପ୍ରିଣ୍ଟ ପୁସ୍ତକ, ଇ-ବୁକ୍, ଅଡିଓ ବୁକ୍ ଓ ଡିଜିଟାଲ ପ୍ଲାଟଫର୍ମ ଜ୍ଞାନର

ଭଣ୍ଡାରକୁ ଅଧିକ ବ୍ୟାପକ କରୁଛି। ଆଜିର ଦିନରେ ବିଶିଷ୍ଟ ସାହିତ୍ୟକାର ୱିଲିୟମ୍ ସେକ୍ସପିୟର, ମିଗୁଏଲ ସର୍ଭାଣ୍ଟେସ୍ ଏବଂ ଇନଙ୍କା ଗାର୍ସିଲାସୋଙ୍କ ଭଳି ସାହିତ୍ୟକାରଙ୍କ ଜନ୍ମଗ୍ରହଣ ଓ ପରଲୋକ ହୋଇଥିଲା। ୧୯୯୫ ମସିହାରେ ପ୍ୟାରିସରେ ଆୟୋଜିତ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ପୁସ୍ତକ ଏବଂ ଲେଖକମାନଙ୍କୁ ସମ୍ମାନ ଦେବା ପାଇଁ ଏକ ବିଶ୍ୱସ୍ତରୀୟ ଦିବସ ଭାବେ ଘୋଷଣା କରାଯାଇଥିଲା। ସତ୍ତ୍ୱାଧିକାର କେବଳ ଆଇନଗତ ବ୍ୟବସ୍ଥା ନୁହେଁ ଏହା ସୃଜନଶୀଳତାର ସୁରକ୍ଷା କବଚ। ଯାହା ଲେଖକମାନଙ୍କୁ ସେମାନଙ୍କର କୃତୀ ଉପରେ ଅଧିକାର ପ୍ରଦାନ କରି ନୂତନ ସୃଜନକୁ ଉତ୍ସାହିତ କରିଥାଏ।

ପୁସ୍ତକ ହେଉଛି ସାଂସ୍କୃତିକ ଅଭିବ୍ୟକ୍ତିର ଏକ ରୂପ। ଯାହା ଏକ ନିର୍ଦ୍ଦିଷ୍ଟ ଭାଷାରେ ବଞ୍ଚେ ଏବଂ ସେଥିରେ ଏକ ଅଭିବ୍ୟକ୍ତ ଅଂଶ ଭାବରେ ରହିଥାଏ। ଆଜିର ଦିବସ ହେଉଛି ଜ୍ଞାନର ଉତ୍ସବ, ସଂସ୍କୃତିର ସେତୁ ଏବଂ ସୃଜନଶୀଳତାର ଅବିରକ୍ତ ପ୍ରବାହକୁ ସମ୍ମାନ ଜଣାଇବାର ଏକ ସୁନ୍ଦର ଅବସର।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Puri

## ସୂର୍ଯ୍ୟମନ୍ଦିର- ବାଲିକଢ଼ା ଟନେଲ ନିର୍ମାଣ

କୋଣାର୍କ ସୂର୍ଯ୍ୟମନ୍ଦିରର ଜଗମୋହନ ଗର୍ଭଗୃହରେ ବାଲିକଢ଼ା ପାଇଁ ଟନେଲ ନିର୍ମାଣ ଆରମ୍ଭ ହୋଇଛି। ବାଲି ବାହାରିବା ପରେ ସୂର୍ଯ୍ୟମନ୍ଦିର ପ୍ରତି କୌଣସି ବିପଦ ନାହିଁ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଡିଜିଙ୍କ ନିର୍ଦ୍ଦେଶରେ ଏକ ତଦାରଖ ଦଳର ପ୍ରତ୍ୟକ୍ଷ ଅନୁଧାନରେ ଏହି କାର୍ଯ୍ୟ କରାଯାଉଛି। ଗତ ୪ ମାସ ହେଲା ବାଲିକଢ଼ା ପ୍ରକ୍ରିୟା ବନ୍ଦ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ଗର୍ଭଗୃହରୁ ବାଲି କଢ଼ାଯିବା ସହିତ ମନ୍ଦିର ଗର୍ଭଗୃହ କାନ୍ଥର ଚଉଡ଼ା ମାପିବା ପାଇଁ ଡ୍ରିଲ କାର୍ଯ୍ୟ ଆରମ୍ଭ ହୋଇଥିଲା।

HS

## ଶ୍ରମିକ କଟକଣା

ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାର୍ଯ୍ୟ ନ କରିବାକୁ କଟକଣା ଲାଗୁ କରିଛନ୍ତି। କୌଣସି ବେସରକାରୀ ସଂସ୍ଥା ଏହି ନିୟମର ଉଲ୍ଲଙ୍ଘନ କଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଛନ୍ତି।

**- V/O -**

ଝାରସୁଗୁଡ଼ାରେ ଶିଳ୍ପ ଓ ପୋଡୁଚାଷ ପାଇଁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଚାଷୀମାନେ ପାରମ୍ପରିକ ଭାବେ ଅମଳ ପରେ

ବିଲରେ ନିଆଁ ଲଗାଉଛନ୍ତି । ଫଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଚାଷୀମାନଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ ରଖିବା ଏବଂ ସଚେତନ ବୃଦ୍ଧି କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି ।

Desk

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଉଛି । ଆଗାମୀ ୨୪ ଘଣ୍ଟାରେ ହିଟ୍‌ୱେଭ୍ ବୃଦ୍ଧି ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗ୍ରୀଷ୍ମ ଲହରିକୁ ଦୃଷ୍ଟିରେ ରଖି ଆଜି ଏସ୍.ଆର୍.ସି.ଙ୍କ ସହ ବୈଠକ ପରେ ସ୍କୁଲ ଛୁଟି ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ ୧୮ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ଛୁଟି ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

Ganjam

## ଯୋଜନା କମିଟି ବୈଠକ

ଗଞ୍ଜାମ ଜିଲ୍ଲା ଯୋଜନା କମିଟି ବୈଠକ ଛତ୍ରପୁରସ୍ଥିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

Keonjhar

## ଶ୍ରମିକ ସଚେତନତା ଶିବିର

କେନ୍ଦୁଝର ଜିଲ୍ଲା ଶ୍ରମ ବିଭାଗ ଓ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ ଶଗଡ଼ପଟ୍ଟା ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ବିଲା ଗାଁରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ  ୧୪ ଜଣ ନିର୍ମାଣ ଶ୍ରମିକଙ୍କ ଶ୍ରମିକ କାର୍ଡ ବଣ୍ଟନ କରିଥିବା ବେଳେ ୭୦ ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି।

BHK

## ପୋଷଣ ପକ୍ଷ

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଜନ୍ମରୁ ୬ ବର୍ଷ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ କର୍ମଶାଳା ଅନୁଷ୍ଠିତ

ହୋଇଯାଇଛି । ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କ ଯତ୍ନ ସହ ପାଠପଢ଼ା, ମା' ଓ ଶିଶୁକୁ ପୋଷଣଯୁକ୍ତ ସୁଷମ ଖାଦ୍ୟ ପ୍ରଦାନ, ଶିଶୁର ଖେଳ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ପାଇଁ ଅଙ୍ଗନବାଡ଼ି କର୍ମୀ ଓ ଅଭିଭାବକଙ୍କୁ ବିଭାଗୀୟ ଅଧିକାରୀମାନେ ପରାମର୍ଶ ଦେଇଥିଲେ ।